# REGIONAL NEWS UNIT, AIR CUTTACK

## Mid-day Bulletin (2.32PM)

### 17 August – 2026

*********************************

## ମୁଖ୍ୟ ସମ୍ବାଦ

- ଯାଜପୁର ଜିଲ୍ଲାର ବନ୍ୟା ପ୍ରଭାବିତ ଅଞ୍ଚଳ ପରିଦର୍ଶନ କରି ସ୍ଥିତି ଅନୁଧ୍ୟାନ କଲେ ମୁଖ୍ୟମନ୍ତ୍ରୀ

– ଉତ୍ତର–ପଶ୍ଚିମ ବଙ୍ଗୋପସାଗରରେ ସୃଷ୍ଟ ଲଘୁଚାପ ଅବପାତରେ ପରିଣତ; ବାଲେଶ୍ୱର, କେନ୍ଦୁଝର ଓ ମୟୂରଭଞ୍ଜ ଜିଲ୍ଲାରେ ଅତିପ୍ରବଳ ବର୍ଷା ସମ୍ଭାବନା

- ପୂର୍ବତଟ କ୍ଷେତ୍ରରେ ବର୍ଷା ଯୋଗୁଁ ପ୍ରଭାବିତ ଟ୍ରେନ୍ ଚଳାଚଳ ସ୍ଥିତିର ସମୀକ୍ଷା କଲେ ରେଳମନ୍ତ୍ରୀ

- ବିକଶିତ ଭାରତ ଲକ୍ଷ୍ୟ ପୂରଣ ପାଇଁ ବ୍ୟାଙ୍କିଙ୍ଗ୍ କ୍ଷେତ୍ରରେ ସଂସ୍କାର ଲାଗି ଉଚ୍ଚସ୍ତରୀୟ କମିଟି ଗଠନ କରିବେ କେନ୍ଦ୍ର ସରକାର

ଏବଂ

- ଆସନ୍ତା ରାକ୍ଷୀପୂର୍ଣ୍ଣିମାରେ ହିତାଧିକାରୀମାନଙ୍କୁ ପ୍ରଦାନ କରାଯିବ ସୁଭଦ୍ରା ସହାୟତା ରାଶି

BHK(Voice) /Jajpur(Voice) /Desk

# ବନ୍ୟା

ଉତ୍ତର–ପଶ୍ଚିମ ବଙ୍ଗୋପସାଗରରେ ସୃଷ୍ଟ ଲଘୁଚାପ ଉତ୍ତର-ପଶ୍ଚିମ ଦିଗକୁ ଗତିକରି ଅବପାତରେ ପରିଣତ ହୋଇଛି। ଏହା ବାଲେଶ୍ୱରଠାରୁ ୧୮୦ କିଲୋମିଟର ଦୂରରେ ଥିବା ପାଣିପାଗ କେନ୍ଦ୍ର ପକ୍ଷରୁ ସୂଚନା ମିଳିଛି। ଆସନ୍ତା ୨୪ ଘଣ୍ଟା ମଧ୍ୟରେ ଅବପାତ ପଶ୍ଚିମବଙ୍ଗ, ଝାଡ଼ଖଣ୍ଡ ଓ ବିହାର ଆଡ଼କୁ ଅଗ୍ରସର ହେବାର ସମ୍ଭାବନା ରହିଛି।

ଅବପାତର ପ୍ରଭାବରେ ରାଜ୍ୟର ବିଭିନ୍ନ ସ୍ଥାନରେ ବର୍ଷା ଲାଗି ରହିଛି। ଆସନ୍ତା ୨୪ ଘଣ୍ଟା ମଧ୍ୟରେ ବାଲେଶ୍ୱର, କେନ୍ଦୁଝର ଏବଂ ମୟୂରଭଞ୍ଜ ଜିଲ୍ଲାରେ ପ୍ରବଳରୁ ଅତିପ୍ରବଳ ବର୍ଷା ହେବାର ସମ୍ଭାବନା ରହିଥିବା ବେଳେ ୧୨ଟି ଜିଲ୍ଲାରେ ପ୍ରବଳ ବର୍ଷା ହେବା ନେଇ ଆଞ୍ଚଳିକ ପାଣିପାଗ କେନ୍ଦ୍ର ପକ୍ଷରୁ ସତର୍କ ସୂଚନା ଜାରି କରାଯାଇଛି।

ଲଗାଣ ବର୍ଷାର ପ୍ରଭାବରୁ କେତେକ ଜିଲ୍ଲାରେ ବନ୍ୟା ପରିସ୍ଥିତି ସୃଷ୍ଟି ହୋଇଛି । ବନ୍ୟା ଯୋଗୁଁ ୪୯ଟି ବ୍ଲକର ୯୪୭ଟି ଗ୍ରାମର ୫ଲକ୍ଷରୁ ଊର୍ଦ୍ଧ୍ୱ ଲୋକ ପ୍ରଭାବିତ ହୋଇଛନ୍ତି। ୨ଲକ୍ଷ ୩୭ ହଜାରରୁ ଊର୍ଦ୍ଧ୍ୱ ଲୋକଙ୍କୁ ନିରାପଦ ସ୍ଥାନକୁ ସ୍ଥାନାନ୍ତର କରାଯାଇଥିବା ସରକାରଙ୍କ ପକ୍ଷରୁ କୁହାଯାଇଛି । ବର୍ଷା ଯୋଗୁଁ ଆଜି ବାଲେଶ୍ୱର, ଭଦ୍ରକ, ଯାଜପୁର,

କେନ୍ଦୁଝର ଏବଂ ମୟୂରଭଞ୍ଜ ଜିଲ୍ଲାରେ ସମସ୍ତ ଶିକ୍ଷାନୁଷ୍ଠାନ ସମେତ ଅଙ୍ଗନବାଡି କେନ୍ଦ୍ରଗୁଡିକ ବନ୍ଦ ରହିଛି।

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଆଜି ଯାଜପୁର ଜିଲ୍ଲାର ବନ୍ୟା ପ୍ରଭାବିତ ଦଶରଥପୁର  ଅଞ୍ଚଳ ପରିଦର୍ଶନ କରି ସ୍ଥିତିର ଅନୁଧ୍ୟାନ କରିଛନ୍ତି। ଏହି ସମୟରେ ମୁଖ୍ୟମନ୍ତ୍ରୀ ପ୍ରଭାବିତଙ୍କ ନିକଟରେ ତୁରନ୍ତ ରିଲିଫ, ସ୍ୱାସ୍ଥ୍ୟସେବା ଓ ଜରୁରୀ ସାମଗ୍ରୀ ପହଁଞ୍ଚାଇବା ସହ ସହାୟତା କାର୍ଯ୍ୟକୁ ତ୍ୱରାନ୍ୱିତ କରିବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି। ଶ୍ରୀ ମାଝୀ ଅପରାହ୍ନରେ ଭଦ୍ରକ ଜିଲ୍ଲାରେ ବନ୍ୟା ସ୍ଥିତିର ଅନୁଧ୍ୟାନ କରିବେ। ମୁଖ୍ୟମନ୍ତ୍ରୀ ସାମାଜିକ ଗଣମାଧ୍ୟମରେ ଉଲ୍ଲେଖ କରି କହିଛନ୍ତି, ବନ୍ୟା ସ୍ଥିତିର ମୁକାବିଲା ପାଇଁ ସ୍ଥାନୀୟ ପ୍ରଶାସନ ସମ୍ପୂର୍ଣ୍ଣ ତତ୍ପରତାର ସହ କାର୍ଯ୍ୟ କରୁଛନ୍ତି । ଯୁଦ୍ଧକାଳୀନ ଭିତ୍ତିରେ ଉଦ୍ଧାର ଓ ଥଇଥାନ କାର୍ଯ୍ୟ ଜାରି ରହିଛି । ଏହାର ସୁଚାରୁ ପରିଚାଳନା ପାଇଁ ତିନିଜଣ ବରିଷ୍ଠ ଅଧିକାରୀଙ୍କୁ ବାଲେଶ୍ୱର, ଭଦ୍ରକ ଏବଂ ଯାଜପୁର ଜିଲ୍ଲା ପାଇଁ ସ୍ୱତନ୍ତ୍ର ଦାୟିତ୍ୱ ଦିଆଯାଇଛି । ପ୍ରଭାବିତ ଲୋକଙ୍କ ନିକଟରେ ଶୀଘ୍ର ସରକାରୀ ସହାୟତା ପହଞ୍ଚାଇବା ଏବଂ ସେମାନଙ୍କ ସୁରକ୍ଷା ସୁନିଶ୍ଚିତ କରିବା ସରକାରଙ୍କ ସର୍ବୋଚ୍ଚ ପ୍ରାଥମିକତା ବୋଲି ମୁଖ୍ୟମନ୍ତ୍ରୀ ଉଲ୍ଲେଖ କରିଛନ୍ତି ।

ଜଳ ସମ୍ପଦ ବିଭାଗର ସର୍ବୋଚ୍ଚ ଯନ୍ତ୍ରୀ ଦିଲ୍ଲୀପ ରାଉତ କହିଛନ୍ତି, ରାଜ୍ୟରେ ମଧ୍ୟମ ଧରଣର ବନ୍ୟା ସ୍ଥିତି ଜାରି ରହିଛି । ବ୍ରାହ୍ମଣୀ ଓ

ବୈତରଣୀ ନଦୀରେ ବନ୍ୟା ଦେଖା ଦେଇଛି। ବର୍ଷାର ପରିମାଣ ହ୍ରାସ ପାଇଥିବା ଯୋଗୁଁ ଯାଜପୁର ଓ ଭଦ୍ରକରେ ନଦୀର ଜଳସ୍ତର କମିଥିବା ବେଳେ ସୁବର୍ଣ୍ଣରେଖା ଓ ଜଳକା ନଦୀରେ ବନ୍ୟା ସ୍ଥିତି ନାହିଁ ବୋଲି ଶ୍ରୀ ରାଉତ କହିଛନ୍ତି।

ଭଦ୍ରକ ଜିଲ୍ଲାର କେତେକ ସ୍ଥାନରେ ବନ୍ୟା ପରିସ୍ଥିତି ଯୋଗୁଁ ଜନଜୀବନ ପ୍ରଭାବିତ ହୋଇଛି। ସରକାରଙ୍କ ପକ୍ଷରୁ ବନ୍ୟା ସ୍ଥିତିର ମୁକାବିଲା ପାଇଁ ରିଲିଫ ଓ ଉଦ୍ଧାର କାର୍ଯ୍ୟ ଯୁଦ୍ଧକାଳୀନ ଭିତ୍ତିରେ ଜାରି ରହିଛି। ଭଦ୍ରକ ଜିଲ୍ଲାର ଆଖୁଆପଦାଠାରେ ସାଳନ୍ଦୀ ନଦୀ ଏବଂ ବୈତରଣୀ ନଦୀରେ ଜଳସ୍ତର ବିପଦ ସଂକେତ ଊର୍ଦ୍ଧ୍ୱରେ ପ୍ରବାହିତ ହେଉଛି। ଆଖୁଆପଦାଠାରେ ଆଜି ଦିନ ଗୋଟାଏ ସୁଦ୍ଧା ଜଳସ୍ତର ୧୮ ଦଶମିକ ୭/୩ ମିଟର ରହିଛି। ଏଠାରେ ବିପଦସଂକେତ ସ୍ତର ହେଉଛି ୧୮ ଦଶମିକ ୩/୩ ମିଟର। ଏ ସମ୍ପର୍କରେ ଶୁଣନ୍ତୁ ଆମ ଭଦ୍ରକ ସମ୍ବାଦଦାତାଙ୍କ ରିପୋର୍ଟ...

**- V/O -**

ଆସନ୍ତୁ ଶୁଣିବା ବନ୍ୟା ପ୍ରଭାବିତ ଯାଜପୁର ଜିଲ୍ଲାରେ କ'ଣ ରହିଛି ପରିସ୍ଥିତି ଆମ ସମ୍ବାଦଦାତାଙ୍କଠାରୁ

**- V/O –**

Desk

## ରେଳ ଚଳାଚଳ ସମୀକ୍ଷା

ଦେଶର ପୂର୍ବତଟ କ୍ଷେତ୍ରରେ ଜାରି ରହିଥିବା ଲଗାଣ ବର୍ଷା ଏବଂ ରେଳ ଚଳାଚଳ ସ୍ଥିତିର ଆଜି ସମୀକ୍ଷା କରିଛନ୍ତି ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ। ପାଣି ଜମି ରହୁଥିବା ରେଳପଥ ଉପରେ ନଜର ରଖିବା ଏବଂ ଟ୍ରେନ୍ ଚଳାଚଳ ଠିକ୍ ଭାବେ ଜାରି ରଖିବାକୁ ଦକ୍ଷିଣ-ପୂର୍ବ ରେଳତଟର ମହାପ୍ରବନ୍ଧକଙ୍କୁ ଶ୍ରୀ ବୈଷ୍ଣବ ନିର୍ଦ୍ଦେଶ ଦେଇଛନ୍ତି। ରୂପ୍‌ସା-ବାରିପଦା-ବାଙ୍ଗିରିପୋଷି ଓ ରାଉରକେଲା–ବଣ୍ଡାମୁଣ୍ଡା ଭଳି କ୍ଷେତ୍ରର ରେଳପଥରେ ଅଧିକ ସାଧନ ଲଗାଇ ରେଳର ସୁରକ୍ଷିତ ଚଳାଚଳ ସୁନିଶ୍ଚିତ କରିବା ଉପରେ ମନ୍ତ୍ରୀ ଗୁରୁତ୍ୱାରୋପ କରିଛନ୍ତି।

English Pool

## ସୀତାରମଣ ବ୍ୟାଙ୍କିଙ୍ଗ୍

ବିକଶିତ ଭାରତ ଲକ୍ଷ୍ୟ ପୂରଣ କରିବା ଲାଗି ସରକାର ଖୁବ୍‌ଶୀଘ୍ର ବ୍ୟାଙ୍କିଙ୍ଗ୍ କ୍ଷେତ୍ରରେ ସଂସ୍କାର ପାଇଁ ଏକ ଉଚ୍ଚସ୍ତରୀୟ କମିଟି ଗଠନ କରିବେ । ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣ ଆଜି ନୂଆଦିଲ୍ଲୀରେ ରାଷ୍ଟ୍ରୀୟଉ ଉଦ୍ୟୋଗ ବ୍ୟାଙ୍କଗୁଡ଼ିକର ଦୁଇ ଦିନିଆ ସମ୍ମିଳନୀକୁ ଉଦ୍‌ଘାଟନ କରିବା ଅବସରରେ ସେ କହିଛନ୍ତି, ଏହି ଉଚ୍ଚସ୍ତରୀୟ କମିଟି ବ୍ୟାଙ୍କିଙ୍ଗ୍ ସଂସ୍ଥା ସମ୍ବନ୍ଧରେ ଭବିଷ୍ୟତ କାର୍ଯ୍ୟପନ୍ଥା ନେଇ ରିପୋର୍ଟ ପ୍ରଦାନ କରିବ । ଆଜିଠାରୁ ଆରମ୍ଭ ହୋଇଥିବା ଦୁଇ ଦିନିଆ ସମ୍ମିଳନୀରେ ହେବାକୁ ଥିବା ଆଲୋଚନାରୁ ବ୍ୟାଙ୍କଗୁଡ଼ିକର ଭବିଷ୍ୟତର ଭୂମିକା ନେଇ ରୂପରେଖ

ପ୍ରସ୍ତୁତ କରାଯିବ ବୋଲି ଶ୍ରୀମତୀ ସୀତାରମଣ କହିଛନ୍ତି । ଭାରତୀୟ ବ୍ୟାଙ୍କଗୁଡ଼ିକର ମୂଳଦୁଆ ସୁଦୃଢ଼ ରହିଥିବା ଏବଂ ଆଗାମୀ ଦିନରେ ଅଧିକ ମଜଭୁତ କରିବା ଦିଗରେ ସଂସ୍କାର ଆଣିବା ନିମନ୍ତେ ପଦକ୍ଷେପ ଗ୍ରହଣ କରାଯିବ ବୋଲି ଅର୍ଥମନ୍ତ୍ରୀ କହିଛନ୍ତି । ସେ କହିଛନ୍ତି, ଉଚ୍ଚସ୍ତରୀୟ କମିଟି ରିପୋର୍ଟ ଦେବା ପରେ ସରକାର ଏବଂ ବ୍ୟାଙ୍କିଙ୍ଗ୍ କ୍ଷେତ୍ର ଭାରତର ଅର୍ଥନୈତିକ ଅଭିବୃଦ୍ଧି ତ୍ୱରାନ୍ୱିତ ହେବ । ଭାରତ  ପାଇଁ ଦୀର୍ଘକାଳୀନ ବିକାଶ ଲକ୍ଷ୍ୟ ପୂରଣ ନିମନ୍ତେ ୨୦ ବର୍ଷରୁ କମ୍ ସମୟ ଥିବା ବେଳେ ଏହି ପଦକ୍ଷେପ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବ ବୋଲି ଅର୍ଥମନ୍ତ୍ରୀ କହିଛନ୍ତି।

Desk

## ସୁଭଦ୍ରା ଯୋଜନା

ସୁଭଦ୍ରା ଯୋଜନାର ପଞ୍ଚମ କିସ୍ତି ଅର୍ଥରାଶି ଆସନ୍ତା ୨୮ ତାରିଖ ରକ୍ଷା ବନ୍ଧନ ଅବସରରେ ପ୍ରଦାନ କରାଯିବ।  ନୟାଗଡ଼ ଜିଲ୍ଲାରେ ଆୟୋଜିତ ହେବାକୁ ଥିବା ସ୍ୱତନ୍ତ୍ର ରାଜ୍ୟସ୍ତରୀୟ ସମାରୋହରେ ସୁଭଦ୍ରା କିସ୍ତି ପ୍ରଦାନ କରାଯିବ ବୋଲି ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା କହିଛନ୍ତି। ବାଦ୍ ପଡ଼ିଥିବା ଯୋଗ୍ୟ ହିତାଧିକାରୀଙ୍କୁ ଏକସଙ୍ଗରେ ପାଞ୍ଚଟି କିସ୍ତି ଦିଆଯିବ। ଚଳିତ ମାସ ୨୮ ତାରିଖ ସୁଦ୍ଧା ଆବେଦନ କରିଥିବା ୧ କୋଟିରୁ ଊର୍ଦ୍ଧ୍ୱ ହିତାଧିକାରୀଙ୍କୁ ଅର୍ଥରାଶି ବ୍ୟାଙ୍କଖାତାକୁ ହସ୍ତାନ୍ତର କରାଯିବ।

Baragada

## ମଧ୍ୟସ୍ଥତା ଅଭିଯାନ

ଉଚ୍ଚନ୍ୟାୟାଳୟ, ଜିଲ୍ଲା ଅଦାଲତ ଓ ତାଲୁକସ୍ତରର ଅଦାଲତଗୁଡ଼ିକରେ ଥିବା ସମସ୍ତ ବିଚାରାଧୀନ ମାମଲାଗୁଡ଼ିକର 'ମଧ୍ୟସ୍ଥତା' ମାଧ୍ୟମରେ ସରଳ ଓ ସହଜ ସମାଧାନ ନିମନ୍ତେ ସମଗ୍ର ଦେଶରେ ଆସନ୍ତା ଅକ୍ଟୋବର ପହିଲାରୁ ତୃତୀୟଥର ପାଇଁ ନୂତନ ଅଭିଯାନ ଆରମ୍ଭ ହେବ । ଏହା ଜିଲ୍ଲା ଆଇନସେବା ପ୍ରାଧିକରଣ, ବରଗଡ଼ ସମେତ ତାଲୁକ ଆଇନସେବା କାର୍ଯ୍ୟାଳୟ ପଦ୍ମପୁର, ସୋହେଲା, ବରପାଲି ଓ ଭେଡେନ ପରିସରରେ ଅନୁଷ୍ଠିତ ହେବ ବୋଲି ଜିଲ୍ଲା ଆଇନସେବା ପ୍ରାଧିକରଣ ସଚିବ ବିଭୂତି ଭୂଷଣ ନାୟକ କହିଛନ୍ତି । ମଧ୍ୟସ୍ଥତା କାର୍ଯ୍ୟକ୍ରମ ମାଧ୍ୟମରେ ଅଦାଲତରେ ବିଚାରାଧୀନ ଥିବା ସମସ୍ତ ପାରିବାରିକ ବିବାଦ, ମୋଟର ଦୁର୍ଘଟଣାଜନିତ କ୍ଷତିପୂରଣ ମାମଲା, ଖାଉଟି ଅଦାଲତରେ ଥିବା ବିବାଦ ଆଦି ସମାଧାନ କରାଯାଇପାରିବ । ଏହାଦ୍ୱାରା ଜନସାଧାରଣ ସମୟ ଏବଂ ଖର୍ଚ୍ଚ ଅପଚୟରୁ ରକ୍ଷା ପାଇପାରିବେ ବୋଲି ଶ୍ରୀ ନାୟକ କହିଛନ୍ତି ।

Kandhamal

# କନ୍ଧମାଳ-ଜାତୀୟ ପତାକା ଉତ୍ତୋଳନ

କନ୍ଧମାଳ ଜିଲ୍ଲା କୋଟଗଡ ବ୍ଲକ ଅନ୍ତର୍ଗତ ଦୁର୍ଗାପଙ୍ଗା ପଞ୍ଚାୟତ କାଣୀବାରୁ ବିଦ୍ୟାଳୟରୁ ପ୍ରଥମ ଥର ପାଇଁ ଜାତୀୟପତାକା ଉତ୍ତୋଳନ କରାଯାଇଛି । ମାଓବାଦୀଙ୍କ ପ୍ରଭାବ ଯୋଗୁଁ ଦୁର୍ଗମ ଅଞ୍ଚଳର ଏହି ବିଦ୍ୟାଳୟରେ ପାଠପଢା ବାଧାପ୍ରାପ୍ତ ହେବା ସହ ଅନ୍ୟାନ୍ୟ କାର୍ଯ୍ୟ ସମ୍ଭବ

ହୋଇପାରୁ ନ ଥିଲା । ମାଓଦମନ ପରେ ସେଠାରେ ପାଠପଢ଼ା ଜାରି ରହିଛି ।

Desk

## ଖସାପଡା ନୀତି

ପୁରୀ ଶ୍ରୀମନ୍ଦିରରେ ଆଜି ସୋମବାର ଶ୍ରାବଣ ଶୁକ୍ଳପକ୍ଷ ପଂଚମୀ ତିଥିରେ ଶ୍ରୀବିଗ୍ରହମାନଙ୍କର ଖସାପଡା ଲାଗି ନୀତି ଅନୁଷ୍ଠିତ ହେଉଛି। ଦ୍ୱିତୀୟ ଭୋଗମଣ୍ଡପ ଭୋଗ ଶେଷ ହେବା ପରେ ପ୍ରାୟ ସନ୍ଧ୍ୟା ୬ଟାରୁ ରାତି ୧୦ଟା ପର୍ଯ୍ୟନ୍ତ ଗୁପ୍ତ ନୀତି କରାଯିବ। ଏହି ନୀତି ପାଇଁ ୪ଘଣ୍ଟା ପର୍ଯ୍ୟନ୍ତ ସର୍ବସାଧାରଣ ଦର୍ଶନ ବନ୍ଦ ରହିବ ବୋଲି ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ସୂଚନା ମିଳିଛି।

Rayagada/Nayagada/Subarnpur

## ଶ୍ରାବଣ ସୋମବାର

ଶ୍ରାବଣ ମାସର ଆଜି ତୃତୀୟ ସୋମବାରରେ ରାଜ୍ୟର ବିଭିନ୍ନ ଶୈବପୀଠଗୁଡ଼ିକରେ ଜଳଲାଗି ପାଇଁ କାଉଡ଼ିଆଙ୍କ ସମେତ ଶ୍ରଦ୍ଧାଳୁଙ୍କ ଭିଡ଼ ଲାଗି ରହିଛି। ଭୁବନେଶ୍ୱର ଲିଙ୍ଗରାଜ ମନ୍ଦିର, ଭଦ୍ରକର ଆଖଣ୍ଡଳମଣି, ଢେଙ୍କାନାଳର କପିଳାସ ପୀଠ, କଟକର ବାବା ଧବଳେଶ୍ୱରଙ୍କ ପୀଠ, ପୁରୀ ଲୋକନାଥ ମନ୍ଦିର, ବାଲେଶ୍ୱରର ବାବା ପଞ୍ଚମହାଲିଙ୍ଗେଶ୍ୱର, କୋରାପୁଟର ଗୁପ୍ତେଶ୍ୱର ଆଦି ପୀଠଗୁଡ଼ିକରେ ଶ୍ରଦ୍ଧାଳୁ ଜଳାଭିଷେକ କରିଛନ୍ତି।

ନୟାଗଡ଼ ଜିଲ୍ଲା ପ୍ରସିଦ୍ଧ ଲଡୁବାବାଙ୍କ ପୀଠ, ସୁବର୍ଣ୍ଣପୁର ଏବଂ ରାୟଗଡ଼ାର ବିଭିନ୍ନ ପୀଠରେ ଶ୍ରଦ୍ଧାଳୁଙ୍କ ଭିଡ଼ ଲାଗି ରହିଛି ।

Desk

# ପାର୍ବତୀଗିରି ପୁଣ୍ୟତିଥି

ବିଶିଷ୍ଟ ସ୍ୱାଧୀନତା ସଂଗ୍ରାମୀ ତଥା ସମାଜସେବୀ ପାର୍ବତୀ ଗିରିଙ୍କ ଆଜି ପୁଣ୍ୟତିଥି। ୧୯୯୫ ମସିହା ଆଜିର ଦିନରେ ତାଙ୍କର ପରଲୋକ ଘଟିଥିଲା ।

ରାଜ୍ୟପାଳ ଡକ୍ଟର ହରିବାବୁ କମ୍ଭମପାଟି' ପାର୍ବତୀ ଗିରିଙ୍କ ପ୍ରତି ଶ୍ରଦ୍ଧାଞ୍ଜଳି ଜ୍ଞାପନ କରି ସାମାଜିକ ଗଣମାଧ୍ୟମରେ କହିଛନ୍ତି, ତାଙ୍କର ସାହସ, ନିସ୍ୱାର୍ଥପର ସେବା ଏବଂ ସମାଜ ପ୍ରତି ସମର୍ପଣ ଭାବ ଆଗାମୀ ପିଢ଼ିକୁ ସର୍ବଦା ପ୍ରେରଣା ଯୋଗାଇବ ।

ବିଶିଷ୍ଟ ସ୍ୱାଧୀନତା ସଂଗ୍ରାମୀ ତଥା ସମାଜସେବୀ ପାର୍ବତୀ ଗିରିଙ୍କ ପୁଣ୍ୟତିଥିରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଛନ୍ତି। ପାର୍ବତୀ ଗିରିଙ୍କ ତ୍ୟାଗ, ସେବା ଓ ଆଦର୍ଶ ସର୍ବଦା ଆମକୁ ପ୍ରେରଣା ଯୋଗାଉଥିବ ବୋଲି ଶ୍ରୀ ମାଝୀ କହିଛନ୍ତି ।

ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ ଏବଂ ପ୍ରଭାତୀ ପରିଡ଼ା ପାର୍ବତୀ ଗିରିଙ୍କ ପୁଣ୍ୟତିଥିରେ ଶ୍ରଦ୍ଧାଞ୍ଜଳି ଜଣାଇଛନ୍ତି ।